# ସୁସ୍ମିତା, ଗୋବର୍ଦ୍ଧନ, ବିପ୍ରବର ଓ ରଣଜିତଙ୍କ ଉପରେ ଭରସା

**ଢେଙ୍କାନାଳ ଜିଲା ପାଇଁ କଂଗ୍ରେସର ପ୍ରାର୍ଥୀ ଘୋଷଣା**


ସୁସ୍ମିତା ସିଂହଦେଓ


ବିପ୍ରବର ସାହୁ


ଗୋବର୍ଦ୍ଧନ ଶେଖର ନାୟକ


ରଣଜିତ କୁମାର ସାହୁ।

ଢେଙ୍କାନାଳ,୧୪।୪ (ରତନ ନାୟାର)

ଢେଙ୍କାନାଳ ଜିଲାର ୪ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ପକ୍ଷରୁ ରବିବାର ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ଏଆଇସିସିର କେନ୍ଦ୍ରୀୟ ନିର୍ବାଚନ କମିଟି ପକ୍ଷରୁ ପ୍ରକାଶିତ ଏହି ତାଲିକାରେ ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ରାଜ ପରିବାର ସଦସ୍ୟା ସୁସ୍ମିତା ସିଂହଦେଓଙ୍କୁ ପ୍ରାର୍ଥୀ କରାଯାଇଛି। ସୁସ୍ମିତା ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂହଦେଓଙ୍କ ପୁତୁରା ରାଜୀବ ଲୋଚନ ସିଂହଦେଓଙ୍କ ସହଧର୍ମିଣୀ। ସେହିପରି ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ଗୋବର୍ଦ୍ଧନ ଶେଖର ନାୟକ, କାମାକ୍ଷାନଗର ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଶିଷ୍ଟ ଶିକ୍ଷକ ନେତା ବିପ୍ରବର ସାହୁ ଓ ପରଜଙ୍ଗ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ରଣଜିତ କୁମାର ସାହୁ ଦଳୀୟ ପ୍ରାର୍ଥୀ ହୋଇଥିବା ଜିଲା କଂଗ୍ରେସ ସଭାପତି ସୁନୀଲ କୁମାର ଦାଶଙ୍କ ସୂଚନାରୁ ଜଣାପଡିଛି। ବିଜେଡି ଓ ଭାଜପା ପକ୍ଷରୁ ବର୍ତ୍ତମାନ ସୁଦ୍ଧା ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା ହୋଇ ନ ଥିବା ବେଳେ କଂଗ୍ରେସ ପକ୍ଷରୁ ହିନ୍ଦୋଳରେ ପ୍ରାର୍ଥୀ ଘୋଷଣା କରାଯାଇଛି।

# ସମରକବି ବ୍ରଜନାଥ ଥିଲେ କାଳଜୟୀ ସ୍ରଷ୍ଟା


ଲେଖକ ସଂସଦ ଭବନଠାରେ ଅନୁଷ୍ଠିତ ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ।

ଢେଙ୍କାନାଳ,୧୪।୪(ରତନ ନାୟାର)

ସମରକବି ବ୍ରଜନାଥ ବଡ଼ଜେନା ଢେଙ୍କାନାଳ ମାଟିର ଜଣେ କାଳଜୟୀ ସ୍ରଷ୍ଟା ଥିଲେ। ଜିଲା ଲେଖକ ସଂସଦ ଭବନଠାରେ ରବିବାର ଅନୁଷ୍ଠିତ ବ୍ରଜନାଥ ବଡ଼ଜେନା ଜୟନ୍ତୀ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ ଏହି ମତବ୍ୟକ୍ତ କରିଛନ୍ତି। ଲେଖକ ସଂସଦ ଭବନଠାରେ ଆୟୋଜିତ ଏହି ଜୟନ୍ତୀ ଉତ୍ସବରେ ସଂସଦ ସଭାପତି ବସନ୍ତ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସଦର ପୂର୍ବତନ ସଭାପତି ଇନ୍ଦ୍ରମଣି ନାୟକ, କବି ବ୍ରଜନାଥ ବଡ଼ଜେନା ଭାଷା ସାହିତ୍ୟର ଜଣେ ଆଦର୍ଶ ମାର୍ଗଦର୍ଶକ, ଯିଏକି ୬ଟି ଭାଷାରେ ଅଗାଧ ପାଣ୍ଡିତ୍ୟ ଅର୍ଜନ କରିଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାବିତ୍ ପଣ୍ଡିତ ବିପିନ ବିହାରୀ ଶତପଥୀ କହିଲେ, କବି ବ୍ରଜନାଥ ଥିଲେ ଓଡ଼ିଆ ସାହିତ୍ୟର ଅବିସ୍ମରଣୀୟ ପ୍ରତିଭା। ଅନ୍ୟତମ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଜିଲା ଲେଖିକା ସଂସଦର ସମ୍ପାଦିକା ସୁକାନ୍ତି ସାହୁ କବି ବ୍ରଜନାଥଙ୍କ ପଦାଙ୍କ ଅନୁସରଣ କରି ଢେଙ୍କାନାଳ ମାଟିର ଅନେକ କବି ଏହି ମାଟିର ସାହିତ୍ୟ ଓ ସଂସ୍କୃତିକୁ ସୁଦୃଢ଼ କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଜିଲା ଲେଖକ ସଂସଦର ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ ଅତିଥି ପରିଚୟ ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପୂର୍ବାହ୍ନ ୯ଟାରେ ସମୀର ସାହୁଙ୍କ ସଭାପତିତ୍ୱରେ କବିତା ପାଠ ମଧୁକ୍ଷରା ଅନୁଷ୍ଠିତ ହୋଇଥିଲା। ଏଥିରେ ୪୬ଜଣ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ବୈଜୟନ୍ତୀ ପଟ୍ଟନାୟକ ଓ ଉପମା ସାମଲ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସଂସଦର ପରିଚାଳନା ସମ୍ପାଦକ ଅଞ୍ଜନ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ପଣା ସଂକ୍ରାନ୍ତି ଉତ୍ସବରେ ସାମିଲ ହେଲେ ରୁଦ୍ର

ଢେଙ୍କାନାଳ,୧୪।୪(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବେରୁଆଁପାଳ ଗ୍ରାମରେ ପଣା ସଂକ୍ରାନ୍ତି ଉତ୍ସବ ଓ ଶ୍ରୀହନୁମାନ ଜୀଉଙ୍କ ବାର୍ଷିକ ମହୋତ୍ସବ ରବିବାର ମନ୍ଦିର ପରିସରରେ ପାଳିତ ହୋଇଥିଲା। ସକାଳ ୭ଟାରେ କଳସ ଯାତ୍ରା, ୯ଟାରେ ପୂଜାରମ୍ଭ ଓ ଅପରାହ୍ନ ୧ଟାରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି ଯୋଗଦେଇ ପଣା ଓ ପ୍ରସାଦ ସେବନରେ ସାମିଲ ହୋଇଥିଲେ। ତାଙ୍କ ସହିତ ପାରିକୁଳ ମଣ୍ଡଳ ସଭାପତି ଜୀବନ କୁମାର ମିଶ୍ର, ସାଧାରଣ ସମ୍ପାଦକ ପ୍ରକାଶ ନାଥ, ଦୀପକ ବେହେରା, ଉପସଭାପତି ରଞ୍ଜନ ସାମଲ, ସମ୍ପାଦକ ଲଣ୍ଡା ରାଉତଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।


ପଣା ସଂକ୍ରାନ୍ତି ଉତ୍ସବରେ ଭାଜପା ଲୋକସଭା ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି।

# ଐତିହ୍ୟ ପଦଯାତ୍ରା ପକ୍ଷରୁ ବ୍ରଜନାଥଙ୍କ ସ୍ମୃତିଚାରଣ


ଐତିହ୍ୟ ପଦଯାତ୍ରା ପକ୍ଷରୁ ବ୍ରଜନାଥଙ୍କ ସ୍ମୃତିଚାରଣ କରାଯାଉଛି।

ଢେଙ୍କାନାଳ,୧୪।୪(ରତନ ନାୟାର)

ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ପକ୍ଷରୁ ବଳରାମ ମନ୍ଦିର ନିକଟସ୍ଥ ଶିଶୁ ଉଦ୍ୟାନ ପରିସରରେ ରବିବାର ସମରକବି ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପଦଯାତ୍ରାର ଆବାହକ ସୁରେଶ ପ୍ରସାଦ ମିଶ୍ର ଏହି ଅବସରରେ ସମର କବିଙ୍କ ସାହିତ୍ୟ ଜୀବନ ତଥା ଐତିହାସିକ କାବ୍ୟ ସମର ତରଙ୍ଗ ସମ୍ପର୍କରେ ଆଲୋକପାତ କରି ରୀତିଯୁଗୀୟ କବିମାନଙ୍କ ମଧ୍ୟରେ ବ୍ରଜନାଥଙ୍କ କାବ୍ୟର ପଟ୍ଟାନ୍ତର ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଅଶୋକ ମିଶ୍ର, ନାରାୟଣ ପଟ୍ଟନାୟକ, ପ୍ରକାଶ ବିଶ୍ୱାଳ, ସୌମେନ ରାୟ, ପ୍ରକାଶ ଦାସ, ଲକ୍ଷ୍ମୀ ନାରାୟଣ ତ୍ରିପାଠୀ ଓ ନିତ୍ୟାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ରହି ସମର କବିଙ୍କ ସ୍ମୃତିଚାରଣ କରିଥିଲେ।

# ତାରିଣୀଙ୍କ ସୁନାବେଶ ଦର୍ଶନ ପାଇ ପ୍ରବଳ ଭିଡ଼

ଢେଙ୍କାନାଳ,୧୪।୪(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଗଡ଼ଖଙ୍କିରା ଗ୍ରାମ ମଧ୍ୟସ୍ଥ ଶ୍ରୀଶ୍ରୀ ମହାବୀରଙ୍କର ଜନ୍ମ ଉତ୍ସବ ତଥା ଓଡ଼ିଆ ନବବର୍ଷ ମହା ବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ପ୍ରାତଃ ସମୟରେ ମହାସ୍ନାନ, ପଣାଭୋଗ, ମଧ୍ୟାହ୍ନରେ ଷୋଡ଼ଶ ଉପଚାର ପୂଜା, ମହାବୀର ଶତନାମ, ଘୃତଯଜ୍ଞ, ନାମ ସଂକୀର୍ତ୍ତନ, ହନୁମାନ ଚାଳିଷା, ପୁନଃ ପଣାଭୋଗ ଓ ଶ୍ରୀରାମ ଧୁନ୍‌ରେ ଗଗନ ପବନ ମୁଖରିତ ହୋଇଥିଲା। ଶେଷରେ ପଣାହାଣ୍ଡି ସମର୍ପଣ କରାଯାଇଥିଲା। ପୂଜକ ଅର୍ଜୁନ ପତି, ଅଶୋକ ପତି, ଅନିରୁଦ୍ଧ ପତି ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି ଉପଲକ୍ଷେ ଗଡ ଖଙ୍କିରାରେ ତାରିଣୀ ମନ୍ଦିରରେ ମା'ଙ୍କ ସୁନାବେଶ ଦର୍ଶନ ପାଇଁ ପ୍ରବଳ ଜନ ସମାଗମ ହୋଇଥିଲା। ଶ୍ରଦ୍ଧାଳୁମାନେ ପଣା ସେବନ କରିଥିଲେ।

# ବାବା ସାହେବଙ୍କ ବାଣୀ ଉପରେ ଆଲୋକପାତ


ଆମ୍ବେଡକରଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ,୧୪।୪(ରତନ ନାୟାର)

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ରବିବାର ସମ୍ବିଧାନ ପ୍ରଣେତା ବାବାସାହେବ ଡଃ ବି.ଆର୍. ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ସୁଧୀର କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦାନ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲା ଆମ୍ବେଦକର ସେବା ମେମୋରିଆଲ୍ ସୋସାଇଟି ଅଧ୍ୟକ୍ଷ କୈଳାସ ଚନ୍ଦ୍ର ବେହେରା ବାବା ସାହେବଙ୍କ ବାଣୀ ଶିକ୍ଷିତ ହୁଅ, ସଂଗ୍ରାମ କର ଓ ସଙ୍ଗଠିତ ହୁଅ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଉପ ସଭାପତି ବନମାଳି ମଲ୍ଲିକ, ଉତ୍କଳ ଆଜବେଷ୍ଟସ୍ ପରିଚାଳକ ବିଜୟ କୁମାର ବିଶ୍ୱାଳ, ସରୋଜ କୁମାର ଶତପଥୀ, ବସନ୍ତ ତ୍ରିପାଠୀ, ପ୍ରମୋଦ କୁମାର ନାୟକ, ମମତାଞ୍ଜଳି ବେହେରା, ବାଇଧର ନାୟକ, ନିରାକାର ମଲ୍ଲିକ, ପପୁ ମଲ୍ଲିକ, ଦେବାଶିଷ ନାୟକ, ବେଣୁଧର ନାୟକ କବିତାଞ୍ଜଳି ବେହେରା, ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ସମୀର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ବିଭିନ୍ନ ପ୍ରାନ୍ତରୁ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗଦାନ କରିବା ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରି ବାବା ସାହେବଙ୍କ ସ୍ମୃତିଚାରଣ କରିଥିଲେ।

# ଉଫୁନା ପକ୍ଷରୁ ଆମ୍ବେଡକର ଜୟନ୍ତୀ

ଢେଙ୍କାନାଳ,୧୪।୪(ରତନ ନାୟାର)

ଢେଙ୍କାନାଳ ରଥଗଡ଼ାସ୍ଥିତ ଉଫୁନା ପକ୍ଷରୁ ସମ୍ବିଧାନ ପ୍ରଣେତା ଡ. ବି.ଆର୍. ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସକାଳେ ଜିଲା କାର୍ଯ୍ୟାଳୟ ସମ୍ମୁଖସ୍ଥ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉଫୁନା ରାଜ୍ୟ ସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ସମେତ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଡ. ପ୍ରମୋଦ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ସମାଜବାଦୀ ନେତା ସରୋଜ ଶତପଥୀ, କବି ବାହାଦୂର ପାଟସାହାଣୀ, ଗୁପ୍ତ ପ୍ରସାଦ ଶରଣ, ଡମ୍ବୁରଧର ପଣ୍ଡା ପ୍ରମୁଖ ଯୋଗଦେଇ ଆମ୍ବେଡକରଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କର ସ୍ୱତନ୍ତ୍ରତା ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିବା ସମ୍ପର୍କରେ ଆଲୋଚନା କରିଥିଲେ। ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

# ଅଶ୍ଳୀଳ ଫଟୋ ଭାଇରାଲ, ବଳାତ୍କାର ଅଭିଯୋଗ

**ଭୁବନେଶ୍ୱରରୁ ଗିରଫ ଯୁବକଙ୍କୁ କୋର୍ଟଚାଲାଣ**

ଢେଙ୍କାନାଳ,୧୪।୪(ରତନ ନାୟାର)

ଢେଙ୍କାନାଳ ଜିଲା ଭୁବନ ଥାନା ଅଞ୍ଚଳର ଜଣେ କର୍ମଜୀବୀ ଯୁବତୀଙ୍କୁ ଧମକଚମକ ଦେଇ ତାଙ୍କର ଅଶ୍ଳୀଳ ଫଟୋ ଭାଇରାଲ କରିବା ସହିତ ତାଙ୍କୁ ବଳାତ୍କାର ଅଭିଯୋଗରେ ରବିବାର ଟାଉନ ଥାନା ପୋଲିସ ଭୁବନେଶ୍ୱରରୁ ଶଶାଙ୍କ କୁମାର ଜେନା(୩୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ସଂକ୍ରାନ୍ତରେ ପୀଡ଼ିତା ଯୁବତୀଙ୍କ ଅଭିଯୋଗ କ୍ରମେ ଟାଉନ ଥାନାରେ ନଂ–୨୬୭।୨୪ରେ ଏକ ମାମଲା ରୁଜୁ କରାଯାଇଛି। ଗତ ମାର୍ଚ୍ଚ ୧୭ରେ ଢେଙ୍କାନାଳ ସହର ଉପକଣ୍ଠରେ ଥିବା ଏକ ହୋଟେଲରେ ଶଶାଙ୍କ ଓ ସମ୍ପୃକ୍ତା ଯୁବତୀଙ୍କ ମଧ୍ୟରେ ବିବାଦ ହେବାରୁ ଯୁବତୀ ଜଣକ ଏହାକୁ ନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ସମ୍ବଲପୁରରୁ ଦୁହେଁ ପରିଚିତ ହୋଇଥିଲେ। ଅଭିଯୁକ୍ତ ଯୁବକ ଧମକଚମକ ଦେଇ ସମ୍ପୃକ୍ତ ଯୁବତୀଙ୍କୁ ବଳାତ୍କାର କରିବା ସହିତ ତାଙ୍କର ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ କରିଥିବା ଅଭିଯୋଗ ହୋଇଛି।

# ବିଜେଡିରେ ସାମିଲ ହେଲେ ଭାଜପା ନେତା

ଢେଙ୍କାନାଳ,୧୪।୪(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ମୁକ୍ତାଦେଇପୁର ଶାସନଠାରେ ରବିବାର ବିଜେଡି ପକ୍ଷରୁ ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟକୁ ପ୍ରସଂଶା କରି ଏବଂ ବିଧାୟକ ସୁଧୀର କୁମାର ସାମଲଙ୍କ ନେତୃତ୍ୱକୁ ସମର୍ଥନ ଜଣାଇ ଭାଜପାର ବରିଷ୍ଠ ନେତା ସଦାନନ୍ଦ ସାହୁ ଓ ତାଙ୍କ ସମର୍ଥକମାନେ ବିଜେଡିରେ ସାମିଲ୍ ହେଇଥିଲେ। ଏହି ଅବସରରେ ବିଧାୟକ ସାମଲ ସେମାନଙ୍କୁ ସ୍ୱାଗତ କରିବା ସହ ବିଜେଡି ଦଳର ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର ପରିଚାଳନା କରିଥିଲେ। ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, କାଉନ୍‌ସିଲର ଅଭିମନ୍ୟୁ ପଣ୍ଡା, ଦୀପ୍ତି ରଞ୍ଜନ ସେଠୀ, ଶୁଭଲକ୍ଷ୍ମୀ ସାହୁ, ଶ୍ରୀକାନ୍ତ ଧଳ, ବିନୋଦ ମହାନ୍ତି, ଜିଲା ସମ୍ପାଦକ ରଞ୍ଜନ ନାୟକ, ବିମଳ ନାୟକ, ରାଜୁ ପାଣ୍ଡେଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।


ବିଜେଡିର ମିଶ୍ରଣ ପର୍ବ।

# ସାଗର ସାହିତ୍ୟ ସଂସଦ ପକ୍ଷରୁ ଓଡ଼ିଆ ନବବର୍ଷ


ସାଗର ସାହିତ୍ୟ ସଂସଦ ପକ୍ଷରୁ ଓଡ଼ିଆ ନବବର୍ଷ ପାଳନ କରାଯାଉଛି।

ଢେଙ୍କାନାଳ,୧୪।୪(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ପଞ୍ଚାୟତସ୍ଥିତ ସାଗର ସାହିତ୍ୟ ସଂସଦ ପକ୍ଷରୁ ରବିବାର ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ଇନ୍ଦିପୁର ଯାତ୍ରା ପଡ଼ିଆ ଶନିଶ୍ଚର ମଣ୍ଡପଠାରେ ଆୟୋଜିତ ଏହି ଉତ୍ସବରେ ସଂସଦ ସଭାପତି ଜ୍ୟୋର୍ତିର୍ବିଦ୍ ଶ୍ରୀବତ୍ସ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଛତ୍ରମଞ୍ଜି ଉଦ୍ୟୋଗୀ ଅଜୟ ପୃଷ୍ଟି, ମୁଖ୍ୟବକ୍ତା ଭାବେ ଇନ୍ଦିପୁର ବିକାଶ ପରିଷଦ ସମ୍ପାଦକ ଶେଷଦେବ ସାହୁ, ସମ୍ମାନିତ ଅତିଥି ଭାବେ ଗୌରାଙ୍ଗ ଚରଣ ସାହୁ, ଦାମୋଦର ନାୟକ, ସୂର୍ଯ୍ୟମଣି ସାହୁ ଓ ଜଗବନ୍ଧୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସଂସଦର ସହ ସମ୍ପାଦକ କାମାକ୍ଷା ପ୍ରସାଦ ବେହେରା ଓଡ଼ିଆ ନବବର୍ଷ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ତ୍ରିଲୋଚନ ମହାରଣା ବିବରଣୀ ପାଠ କରିଥିଲେ। କବି ଡମ୍ବରୁଧର ପ୍ରଧାନ, ଧନେଶ୍ୱର ସେନାପତି, ରବି ନାରାୟଣ ନାୟକ, ରାହାସ ବିହାରୀ ମହାନ୍ତି, ସୁବାସ ଭୂୟାଁ, ସୁବାସ ନାୟକ, ଭାସ୍କର ବେହେରା, ପ୍ରଶାନ୍ତ ସାହୁ ଓ ଦୁଃଶାସନ ସାହୁ ସ୍ୱରଚିତ କବିତା ପାଠ କରିଥିଲେ। ସାହିତ୍ୟ ପ୍ରେମୀ ଇନ୍ଦ୍ରମଣି ପୃଷ୍ଟିଙ୍କ ବିୟୋଗରେ ଶୋକବ୍ୟକ୍ତ କରାଯାଇଥିଲା। ପରେ ମଧୁବିକାଶ ପତ୍ରିକାର ୪ର୍ଥ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ଏହାପରେ ସଂସଦ ପକ୍ଷରୁ ପଣା ବିତରଣ କରାଯାଇଥିଲା। ଉପସଭାପତି ହେମନ୍ତ କୁମାର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

# ବ୍ରଜନାଥ ବଡ଼ଜେନା, ଆମ୍ବେଡକରଙ୍କ ଜୟନ୍ତୀ

ଢେଙ୍କାନାଳ,୧୪।୪(ରତନ ନାୟାର)

ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ରବିବାର ସମରକବି ବ୍ରଜନାଥ ବଡ଼ଜେନା ଓ ସମ୍ବିଧାନ ପ୍ରଣେତା ଡ. ବି.ଆର. ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଅମ୍ରିତ ରୁତୁରାଜ, ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ, ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ଶତପଥୀ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଭିଷେକ ବେହେରା, ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ସମରକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ତାଙ୍କର କୃତୀ ସମର କାବ୍ୟର ବିଶେଷତ୍ୱ, ମହାନତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହାପରେ ପୌରାଞ୍ଚଳର ୬ନଂ. ୱାର୍ଡସ୍ଥିତ ଶିଶୁ ଉଦ୍ୟାନ ପରିସରରେ ଥିବା ସମର କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଥିବା ସମ୍ବିଧାନ ପ୍ରଣେତା ଡ. ବି.ଆର. ଆମ୍ବେଡକରଙ୍କ ୧୩୩ ତମ ଜୟନ୍ତୀ ଅବସରରେ ତାଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।


ଶିଶୁ ଉଦ୍ୟାନରେ ସମରକବି ବ୍ରଜନାଥ ବଡ଼ଜେନାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।

# ଅଗ୍ନିଶମ ସେବା ସପ୍ତାହ ପାଳିତ

ଢେଙ୍କାନାଳ,୧୪।୪(ରତନ ନାୟାର)

ଢେଙ୍କାନାଳ ଜିଲା ଅଗ୍ନିଶମ ସେବା କେନ୍ଦ୍ରରେ ରବିବାର ଠାରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଅଗ୍ନିଶମ ସେବା ସପ୍ତାହ ପାଳନର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଅଗ୍ନିଶମ ସେବା ଅଧିକାରୀ ପ୍ରଶାନ୍ତ କୁମାର ଧଳ ଅଧ୍ୟକ୍ଷତା କରିଥିଲେ। ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ ଓ ସଦର ଥାନା ଅଧିକାରୀ ଦୀପକ ଲେଙ୍କା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅଗ୍ନିଶମ ସେବା ସଂସ୍ଥାର ଜରୁରୀ ସେବା ପ୍ରଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାପରେ ଅଗ୍ନିଶମ ସେବା ସଂସ୍ଥା ପକ୍ଷରୁ କେନ୍ଦ୍ରର ଗାଡ଼ିଗୁଡିକ କାର୍ଯ୍ୟାଳୟ ଠାରୁ ବସଷ୍ଟାଣ୍ଡ ଟ୍ରାଫିକ ଛକ, ଦୁର୍ଗାବଜାର ଦେଇ ସହରର ପ୍ରମୁଖ ରାସ୍ତାରେ ବାଜିଚୌକ ପର୍ଯ୍ୟନ୍ତ ସଚେତନତା ଶୋଭାଯାତ୍ରା ଯାଇ କେନ୍ଦ୍ରକୁ ଫେରିଥିଲା। ଅଗ୍ନି ଦାଉରୁ ନିଜକୁ ଓ ଅନ୍ୟମାନଙ୍କୁ କିପରି ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ସଚେତନ ସୃଷ୍ଟି କରାଯାଇଥିଲା।


ଅଗ୍ନିଶମ ସେବା ସପ୍ତାହ ପାଳନ ଅବସରରେ ସଚେତନତା ସୃଷ୍ଟି କରାଯାଉଛି।

# ପଣା, ଖେଚୁଡ଼ି ଭୋଗର ମଜା ନେଲେ ଶ୍ରଦ୍ଧାଳୁ

ଢେଙ୍କାନାଳ,୧୪।୪(ରତନ ନାୟାର)


ମହାବୀର ବଜାରସ୍ଥିତ ହନୁମାନ ମନ୍ଦିର।


ଶ୍ରଦ୍ଧାଳୁଙ୍କୁ ଖେଚୁଡି ଭୋଗ ପରସୁଛନ୍ତି ବିଧାୟକ ସୁଧୀର କୁମାର ସାମଲ।

ଢେଙ୍କାନାଳ ସହରରେ ରବିବାର ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ସହର ମଧ୍ୟରେ ଥିବା ହନୁମାନ ମନ୍ଦିର ଗୁଡିକରେ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଭିଡ ଲାଗିଥିଲା। ଅଧିକାଂଶ ପୀଠରେ ପଣା ଏବଂ କେତେକ ପୀଠରେ ଖେଚୁଡି ଭୋଗ କରାଯାଇଥିବା ବେଳେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇ ପ୍ରସାଦ ସେବନ କରିଥିଲେ। ବିଶେଷକରି ସହର ମଧ୍ୟରେ ଥିବା ଯାଉଁଳି ପୋଖରୀ ମଠର ହନୁମାନ ମନ୍ଦିର, ଦେଉଳସାହି, ବଳରାମ ମନ୍ଦିର ପରିସର, ମହାବୀର ବଜାର, ବସ୍‌ଷ୍ଟାଣ୍ଡ ଟ୍ରାଫିକ ଛକ, ହନୁମାନ ବାଟିକା, କୁଞ୍ଜକାନ୍ତ, ଗୁଡିଆନାଳୀ, ଶ୍ୟାମାଚରଣପୁର, ମୀନାବଜାର, ମୁକ୍ତାଦେଇପୁର ଶାସନ ଆଦି ଅଞ୍ଚଳରେ ଥିବା ହନୁମାନଙ୍କ ମନ୍ଦିରରେ ଶ୍ରଦ୍ଧାଳୁମାନେ ଲମ୍ବା ଧାଡ଼ିରେ ଦର୍ଶନ କରୁଥିବା ଦେଖାଯାଇଥିଲା। ଅଧିକାଂଶ ପୀଠରେ ଶ୍ରୀରାମ ଚରିତ ମାନସ ଓ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। ବିଧାୟକ ସୁଧୀର କୁମାର ସାମଲ ମୁକ୍ତାଦେଇପୁର ପୀଠରେ ପଞ୍ଚମୁଖୀ ହନୁମାନଙ୍କୁ ପୂଜା କରିବା ସହ ଶ୍ରଦ୍ଧାଳୁମାନଙ୍କୁ ନିଜେ ଖେଚୁଡି ଭୋଗ ପରଶୁଥିବା ଦେଖାଯାଇଥିଲା। ତାଙ୍କ ସହିତ ଏହି ସମସ୍ତ କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ନିରାକାର ସାହୁ, ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଶ୍ରୀକାନ୍ତ ଧଳ, ବିନୋଦ ମହାନ୍ତି, ଅଭିମନ୍ୟୁ ପଣ୍ଡା, ରଞ୍ଜନ କୁମାର ନାୟକ, ସର୍ବେଶ୍ୱର ବ୍ରହ୍ମ ପ୍ରମୁଖ ଉପସ୍ଥିତ ଥିଲେ।

**ଟ୍ରକ୍‌ରୁ ଚାନ୍ଦା ଆଦାୟ ଅଭିଯୋଗ: ୨ ଗିରଫ**

ଛେଣ୍ଡିପଦା,(ଅଜିତ ଧଳ): ଛେଣ୍ଡିପଦା ଥାନା ଦେଇ ଯାଇଥିବା ଅନୁଗୋଳ-ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥରେ ଚାନ୍ଦା ଆଦାୟ କରୁଥିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆଶିଷ କୁମାର ସାହୁ ଓ ପର୍ଶୁରାମ ରାଉଳ। ଅନ୍ୟ କେତେଜଣ ଯୁବକ ପୋଲିସକୁ ଦେଖି ଫେରାର ହୋଇଯାଇଛନ୍ତି। ପୋଲିସ ନଂ ୧୯୧/୨୪ରେ ଏକ ମାମଲା ରୁଜୁ କରିଛି।

# ମଦ ବେପାରୀଙ୍କୁ ଧରିଲେ ଗ୍ରାମବାସୀ



କଣିହାଁ,୧୪।୪(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ଅଞ୍ଚଳରେ ବେଆଇନ ଚୋରାମଦ କାରବାର ବଢି ଚାଲିଛି। ଏହାକୁ ନେଇ ପୋଲିସ ପ୍ରଶାସନ ଓ ଅବକାରୀ ବିଭାଗ ଆଖି ବୁଜିଆ ପଦକ୍ଷେପ ନେଉ ନାହିଁ। ରବିବାର ଡେରଙ୍ଗ ଗ୍ରାମବାସୀ ବାଇକ୍ ଯୋଗେ ବିଦେଶୀ ମଦ ଚୋରା ଚାଲାଣକୁ ନେଇ ଜଣଙ୍କୁ ତାରିଣୀ ମଣ୍ଡପଠାରେ ଅଟକାଇ ଥିଲେ। ବିଦେଶୀ ମଦ ଚାଲାଣକୁ ନେଇ ଅଟକ ଅଭିଯୁକ୍ତଙ୍କୁ ଡେରଙ୍ଗ ଫାଣ୍ଡି ପୋଲିସକୁ ଜଣାଇବା ସହିତ ଅଟକ ବ୍ୟକ୍ତିଙ୍କୁ ହସ୍ତାନ୍ତର କରିଥିଲେ। ଫାଣ୍ଡି ଅଧିକାରୀ ଦୁର୍ଜୟ ମହାନନ୍ଦିଆଙ୍କୁ ଯୋଗାଯୋଗ ସତ୍ତ୍ୱେ ମତାମତ ମିଳିନାହିଁ। ଥାନା ଆଇଆଇସି ମନୋଜ କୁମାର ପ୍ରଧାନ କହିଛନ୍ତି, ୧୪୪ ବୋତଲ ବିୟର ଜବତ ହୋଇଛି। ନଂ. ୧୪୨/୨୪ ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

# ବଢୁଛି ଆଶାୟୀ ନେତାଙ୍କ ସଂଖ୍ୟା

## ବିଳମ୍ବ ହେଉଛି ଅନୁଗୋଳ ଟିକେଟ୍ ଘୋଷଣା

ଅନୁଗୋଳ,୧୪।୪
(ଅମିତ କୁମାର ସାମଲ)

ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିର ପ୍ରାର୍ଥୀ ଘୋଷଣା ବିଳମ୍ବିତ ହେଉଛି। ଫଳରେ ଏହାକୁ ନେଇ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ତାଙ୍କ ସମର୍ଥକ ଓ ବିଜେଡି କର୍ମୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଲାଗି ରହିଛି। ଏଥିସହ ଆଶାୟଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଯଦିଓ ନବୀନ ନିବାସରୁ ୩ ଜଣ ପ୍ରାର୍ଥୀଙ୍କୁ ଶଟ୍ ଲିଷ୍ଟ କରାଯାଇଥିବା ଆଭାସ ମିଳିଛି, ତଥାପି କିଏ ସେହି ୩ଜଣ ପ୍ରାର୍ଥୀ ତାଙ୍କୁ ନେଇ ପୁଣି ନୂଆ ସମୀକରଣ ଆରମ୍ଭ ହୋଇଛି।

ଅନୁଗୋଳର ଟିକେଟ୍ ରାଜନୀତି ଧୀରେ ଧୀରେ ଗୋଳିଆ ହେଉଛି। ଦଳ ପକ୍ଷରୁ ୪ର୍ଥ ପର୍ଯ୍ୟାୟ ଟିକେଟ୍ ଘୋଷଣା କରାଯାଇଥିଲେ ମଧ୍ୟ ଅନୁଗୋଳ ସମ୍ପର୍କରେ ଦଳ ନୀରବତା ଅବଲମ୍ବନ କରୁଛି। ଏପରି କି ବିଧାୟକ ରଜନୀକାନ୍ତଙ୍କ ସମର୍ଥିତ କେତେଜଣ ପଞ୍ଚାୟତ ପ୍ରତିନିଧି ଓ କାଉନସିଲରମାନେ ତୁରନ୍ତ ଟିକେଟ୍ ପାଇଁ ଭୁବନେଶ୍ୱରରେ ମେଳି ହେବା, ନବୀନ ନିବାସରେ ପଞ୍ଚାୟତ ପ୍ରତିନିଧିମାନଙ୍କୁ ନେଇ ଆଲୋଚନା କରାଯିବା ପରେ ମଧ୍ୟ ଏଯାଏ ପ୍ରାର୍ଥୀ ଚୂଡ଼ାନ୍ତ ହୋଇପାରୁ ନାହିଁ। ଏହାକୁ ନେଇ ରଜନୀଙ୍କ ସମର୍ଥକମାନେ ମନ ଉଣା କରୁଥିବା କୁହାଯାଉଛି। ଦୀର୍ଘ ୨୦ ବର୍ଷର ରାଜନୈତିକ କ୍ୟାରିୟର ମଧ୍ୟରେ ଟିକେଟ ପାଇଁ ରଜନୀକାନ୍ତଙ୍କୁ ଏପରି କସରତ କରିବାକୁ କେବେ ପଡ଼ି ନ ଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଦଳ ଟିକେଟ୍ ସମ୍ପର୍କରେ କିଛି କହୁ ନ ଥିବାରୁ ଅନ୍ୟ ଆଶାୟୀଙ୍କୁ ନେଇ ଆଲୋଚନା ବଢ଼ିବାରେ ଲାଗିଛି। ବିଶେଷକରି ଆଦର୍ଶ ଗ୍ରୁପ୍‌ର ପ୍ରତିଷ୍ଠାତା ମହେଶ ଧଳଙ୍କ ନାମ ଅଧିକ ଚର୍ଚ୍ଚାକୁ ଆସୁଛି। ମହେଶ ପ୍ରାର୍ଥୀ ହେବେ ବୋଲି ଗୋଟିଏ ଗୋଷ୍ଠୀ ଦାବି କରୁଥିବାବେଳେ ଏନେଇ ଲବି ଜୋରଦାର୍ ରହିଥିବା କୁହାଯାଉଛି। ଏଭଳି କି ମେହେଶ ଭୁବନେଶ୍ୱରରେ ଡେରା ପକାଇଥିବା ଆଲୋଚନା ହେଉଛି। ସେହିପରି ଶନିବାର ନବୀନ ନିବାସ ଯାଇଥିବା ସରପଞ୍ଚମାନେ ଜିଲା ଯୁବ ବିଜେଡି ସଭାପତି ତଥା ବସୁଧା ଯୋଜନା ଉପଦେଷ୍ଟା ଦୀନେଶ ପ୍ରଧାନଙ୍କ ନାମ ଉଠାଇଥିବା ମଧ୍ୟ କୁହାଯାଉଛି। କଂଗ୍ରେସରୁ ଆସି ବିଜେଡିରେ ମିଶିଥିବା ବିପ୍ଳବ ଜେନା ମଧ୍ୟ ଟିକେଟ୍ ପାଇଁ ଲବି କରୁଥିବା ଚର୍ଚ୍ଚା ହେଉଛି। ଆଉ ଜଣେ କଂଗ୍ରେସ ନେତାଙ୍କ କଥା ମଧ୍ୟ ଉଠିଛି। କଂଗ୍ରେସ ଦଳରୁ ସେ ଇସ୍ତଫା ଦେଇ ନ ଥିବାବେଳେ ଅନୁଗୋଳରୁ ଯାଇ ଭୁବନେଶ୍ୱରରେ ରହିଥିବା କୁହାଯାଉଛି। ସେ ମଧ୍ୟ ଟିକେଟ୍ ପାଇଁ ଜୋର୍‌ଦାର ଲବି ଚଳାଇଥିବା ବିଜେଡି ଶିବିରରେ ଚର୍ଚ୍ଚା ହେଉଛି।

**ସାକ୍ଷାତକାର ଫଳାଫଳ ଘୋଷଣା ହେଲାନି**

# ନିର୍ବାଚନ ବର୍ଜନ ପାଇଁ କଳାକାରଙ୍କ ନିଷ୍ପତ୍ତି

ଢେଙ୍କାନାଳ,୧୪।୪(ରତନ ନାୟାର)

ଢେଙ୍କାନାଳ ଜିଲାରେ ସାକ୍ଷାତକାର ଦେଇଥିବା କଳାକାରମାନଙ୍କ ଫଳାଫଳ ଘୋଷଣା ହୋଇପାରିଲା ନାହିଁ। ଏଥିପାଇଁ କଳାକାରମାନେ ଦରଖାସ୍ତ ମାଧ୍ୟମରେ ୧୫ଦିନ ସମୟ ମଧ୍ୟ ଦେଇଥିଲେ। ଏହାସତ୍ତ୍ୱେ ଫଳାଫଳ ଘୋଷଣା ହୋଇପାରିଲା ନାହିଁ। ଏହାର ପ୍ରତିବାଦରେ ଢେଙ୍କାନାଳ ଜିଲାର ସହସ୍ରାଧିକ କଳାକାର ଓ ସେମାନଙ୍କ ପରିବାର ସଦସ୍ୟମାନେ ଆସନ୍ତା ନିର୍ବାଚନ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଥିବା ବରିଷ୍ଠ କଳାକାର ତଥା ଯାତ୍ରା ଅଭିନେତା ରାଜେନ୍ଦ୍ର ପତି ରବିବାର ସନ୍ଧ୍ୟାରେ ଜଣାଇଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଜିଲାପାଳ ନିର୍ବାଚନ ଆଚରଣବଧି ଉଠିବା ପରେ କଳାକାରମାନଙ୍କ କଥା ବିଚାରକୁ ନିଆଯିବା କଥା କହିଥିବା ରାଜେନ୍ଦ୍ର ସୂଚନା ଦେଇଛନ୍ତି। ଫଳରେ ମେ ୩ ତାରିଖରେ ଜିଲା କାର୍ଯ୍ୟାଳୟ ସମ୍ମୁଖରେ କଳାକାରମାନେ ଅନଶନ କରିବେ ବୋଲି ମଧ୍ୟ ସ୍ଥିର କରାଯାଇଥିବା ଜଣାପଡିଛି।

# ୧୦ ଦିନ ହେଲା ଖୋଳାଯାଇଛି ରାସ୍ତା



ଖୋଳାଯାଇଥିବା ରାସ୍ତା।

କାମାକ୍ଷାନଗର,୧୪।୪(ଅମ୍‌ଜାଦ୍ ଖାନ୍)

ଢେଙ୍କାନାଳ ଜିଲା କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ୨ନମ୍ବର ୱାର୍ଡ ତରୁଣ ବଜାର ମସ୍‌ଜିଦ ଗଳି କଂକ୍ରିଟ ରାସ୍ତାକୁ ପାଣି ପାଇପ ବିଛାଇବା ପାଇଁ ୬ ତାରିଖ ରାତିରେ ଖୋଳାଯାଇଥିଲା। ହେଲେ ଏପର୍ଯ୍ୟନ୍ତ କାର୍ଯ୍ୟ ସରି ନ ଥିବାରୁ ରାସ୍ତା ଖୋଳା ଅବସ୍ଥାରେ ପଡି ରହିଛି। ରାସ୍ତା ଖୋଳାସ୍ଥାନରେ କୌଣସି ସତର୍କ ସୂଚନା ଏବଂ କୌଣସି ସୁରକ୍ଷା ବାଡ ନ ଥିବାରୁ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ଏହି ରାସ୍ତାଟି ତରୁଣ ବଜାର ମଝିରୁ ଲକ୍ଷ୍ମୀ ବଜାର ମଝିକୁ ସଂଯୋଗ କରୁଛି। ଲକ୍ଷ୍ମୀ ବଜାର ଛକରେ ଟ୍ରାଫିକ ଜାମ ହେଲେ ଏହି ରାସ୍ତା ସହାୟକ ହୋଇଥାଏ। ଏ ନେଇ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ଯତୀନ୍ଦ୍ର ମିଶ୍ର କୁହନ୍ତି, ଏହି କାର୍ଯ୍ୟ ଜନସ୍ୱାସ୍ଥ୍ୟ ବିଭାଗ କରୁଛି। କାହିଁକି ଏଭଳି ହୋଇଛି, ତାହା ପଚାରି ବୁଝିବି। ଅନ୍ୟପଟେ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ କୁହାଯାଇଛି।

# ଆମ୍ବେଡକର ଜୟନ୍ତୀ ପାଳିତ



କଣିହାଁ,୧୪।୪(ସଚ୍ଚିଦାନନ୍ଦ ପ୍ରଧାନ)

ଆମ୍ବେଡକର ସ୍ମୃତି ପରିଷଦ କଣିହାଁ ତରଫରୁ ବାବା ସାହେବ ଆମ୍ବେଡକରଙ୍କ ୧୩୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ସଭାପତି ଚନ୍ଦ୍ରମଣି ନାଏକ, ପ୍ରଦୀପ ନାଏକ, ସଭାପତି ବିପ୍ରବର ନାଏକ, ସମ୍ପାଦକ କୁମୁଦବାନ୍ଧବ ନାଏକ ଯୋଗ ଦେଇଥିଲେ। ପରେ ଆମ୍ବେଡକରଙ୍କ ମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ସମ୍ପାଦକ ସଭା ପରିଚାଳନା କରିଥିଲେ। ପରିଶେଷରେ ସମ୍ପାଦକ ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ। ଏଥିରେ ସାମାଜିକ କର୍ମୀ ଅଥାନି ନାଏକ, ସୁବର୍ଣ୍ଣ ନାଏକ, ଟୁନା ନାଏକ, ଚରଣ, ପ୍ରଦୀପ ନାଏକ, ନିତ୍ୟାନନ୍ଦ ନାଏକ, ବିନୟ, ଅଜୟ, ଅଶୋକ, ବିରେନ ପ୍ରମୁଖ ସହଯୋଗ କରିଥିଲେ।

# ଦୀପ ନିଆଁ ଲାଗି ମହିଳା ଗୁରୁତର

ଭୁବନ,୧୪।୪(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବୁଦ୍ଧେଶ୍ୱର ଶୈବପୀଠରେ ରବିବାର ସକାଳେ ଜଣେ ଶ୍ରଦ୍ଧାଳୁଙ୍କ ଶାଢ଼ିରେ ନିଆଁ ଲାଗିଯିବାରୁ ଗୁରୁତର ହୋଇଛନ୍ତି। ଗୁରୁତର ମହିଳା ହେଲେ ନୂଆ ଭୁବନ ଅଞ୍ଚଳର ମଧୁସୂଧନ ମହାନ୍ତିଙ୍କ ସ୍ତ୍ରୀ ନିବେଦିତା ମହାନ୍ତି(୪୭)। ମହାବିଷ୍ଣୁବ ସଂକ୍ରାନ୍ତିରେ ନିବେଦିତା ବାବାଙ୍କ ଦର୍ଶନ କରିବା ପାଇଁ ଯାଇଥିଲେ। ସେ ପୂଜା କରୁଥିବାବେଳେ ଅସାବଧାନତା କାରଣରୁ ତାଙ୍କ ପିନ୍ଧା ଲୁଗାରେ ନିଆଁ ଲାଗି ଯାଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

# ଦୁର୍ଘଟଣାରେ ଜଣେ ମୃତ, ରାସ୍ତାରୋକୋ

କାମାକ୍ଷାନଗର,୧୪।୪(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମଠକରଗୋଳାଠାରେ ରବିବାର ବିଳମ୍ବିତ ରାତିରେ କାର୍ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଟାଙ୍ଗରପଡା ଗ୍ରାମର ବଳରାମ ସିଂ(୫୮)।

ଘଟଣାରୁ ଜଣାପଡିଛି, ବଳରାମ ଓ ତାଙ୍କ ପୁତୁରା ବୁଗୁଲୁ ସିଂ(୧୦) ଏକ ବାଇକ୍ ଯୋଗେ ମଠକରଗୋଳା ଯାଉଥିବାବେଳେ ଏକ କାର୍ ସେମାନଙ୍କୁ ଧକ୍କା ଦେଇ ପଳାଇଥିଲା। ସ୍ଥାନୀୟଲୋକେ ଉଭୟଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ବଳରାମଙ୍କ ମୃତ୍ୟୁ ଘଟିଥିଲା। ବୁଗୁଲଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ଦୁର୍ଘଟଣାପରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରି ଆନ୍ଦୋଳନ କରିଥିଲେ। ଖବରଲେଖା ହେବା ସୁଦ୍ଧା ରାସ୍ତାରୋକୋ ଜାରି ରହିଛି। ଏହି ଖବରପାଇ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ରାତିରେ ମେଡିକାଲରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି।



# ଖେମକା ପରିବାର ତରଫରୁ ପଣା ବଣ୍ଟନ

କାମାକ୍ଷାନଗର,୧୪।୪(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାମାକ୍ଷାନଗର ଅଞ୍ଚଳର ପ୍ରତିଷ୍ଠିତ ବ୍ୟବସାୟିକ ପ୍ରତିଷ୍ଠାନ ଖେମକା ପରିବାର ତରଫରୁ ରବିବାର ପଣା ସଂକ୍ରାନ୍ତି ଉପଲକ୍ଷେ ପଥଚାରିଙ୍କୁ ସ୍ୱାଦିଷ୍ଟ ପଣା ବଣ୍ଟନ କରାଯାଇଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହ ନିମନ୍ତେ ପ୍ରତିଷ୍ଠାନର ମୁଖ୍ୟ ଦୀପକ ଖେମକାଙ୍କ ତତ୍ତ୍ୱାବଧାନରେ ଦହି, ସହ ବିଭିନ୍ନ ଫଳରେ ନିର୍ମିତ ପଣାକୁ ବିଭିନ୍ନ ବର୍ଗର ବ୍ୟକ୍ତି ଓ ସାଧାରଣ ବ୍ୟକ୍ତିଙ୍କୁ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର କର୍ମଚାରୀଙ୍କ ସହିତ, ଶ୍ୱାତୀ ଖେମକା, ପୁନମ ଖେମକା, ମନୀଷା ଖେମକା, କାଜଲ ଖେମକା, ଆଲିଶା ଖେମକା, ଅନୁପମ ମାହେଶ୍ୱରୀ, ଲଳିତ ଜେନା, ସୁମନ୍ତ ଜେନା, ଅମ୍ବୁଜ ସାହୁ, କୃଷ୍ଣଚନ୍ଦ୍ର ବେହେରା, ବିବେକାନନ୍ଦ ସାହୁ, ବିଷ୍ଣୁ ବାରିକ ପ୍ରମୁଖ ପଣା ବଣ୍ଟନରେ ସହଯୋଗ କରିଥିଲେ। ପ୍ରାୟ ୫ କୁଇଣ୍ଟାଲ ପଣା ବଣ୍ଟନ କରାଯାଇଥିଲା।



# ବିଷୁବ ମିଳନ, କବି ବ୍ରଜନାଥ ବଡ଼ଜେନା ଜୟନ୍ତୀ

କାମାକ୍ଷାନଗର,୧୪।୪(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିର ପରିସରରେ ରବିବାର ଢେଙ୍କାନାଳ ସନ୍ଧ୍ୟାତାରା ସାହିତ୍ୟ ସଂସଦ ଆନୁକୂଲ୍ୟରେ ବିଷୁବ ମିଳନ ଓ କବି ବ୍ରଜନାଥ ବଡଜେନା ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଉପସଭାପତି ନିରୋଜ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସାହିତ୍ୟିକ ଡ. ଦୁର୍ଗାମାଧବ ପୃଷ୍ଟି ଓ ଡ. ପ୍ରଫୁଲ୍ଲ କୁମାର ପାଣି ଯୋଗଦେଇ ପଣାସଂକ୍ରାନ୍ତି ଓ ଉତ୍କଳୀୟ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ଶରତ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ଦେଇଥିଲେ। କବି ବିଭୂତି ଭୂଷଣ ବେହେରାଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ପ୍ରବାସିନୀ ମହାଖୁଡ, ରାଧାନାଥ ରଥ, ପ୍ରଫୁଲ୍ଲ ପାଣି, ମଞ୍ଜୁ ପ୍ରଧାନ, ଜୟନ୍ତୀ ନାୟକ, ପ୍ରଶାନ୍ତ ତ୍ରିପାଠୀ, ନିରୋଦାନନ୍ଦ ନନ୍ଦ, ଗୀତାଞ୍ଜଳି ସାହୁ, ବିମଳ ପରିଡା, କମଳ ହୁସେନ ଖାନ, ଦୁର୍ଯ୍ୟୋଧନ ସାହୁ, ବିଷ୍ଣୁଚରଣ ସାହୁ ପ୍ରମୁଖ କବିତା ପାଠ କରିଥିଲେ। ରବିଶଙ୍କର ବିଦ୍ୟାମନ୍ଦିରର ପ୍ରଶାସକ ଜ୍ୟୋତିରଞ୍ଜନ ମହାପାତ୍ରଙ୍କ ସମେତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।



# ହନୁମାନ ବାଟିକାରେ ଜୟନ୍ତୀ ଉତ୍ସବ

ତାଳଚେର,୧୪।୪ (ମନୋଜ ନନ୍ଦ)

ପବିତ୍ର ବିଷୁବ ସଂକ୍ରାନ୍ତି ଏବଂ ପ୍ରଭୁ ହନୁମାନଙ୍କ ଜୟନ୍ତୀ ଅବସରରେ ତାଳଚେର ବ୍ଲକ ବଡଯୋରଡା ଗ୍ରାମ ହନୁମାନ ବାଟିକା ଠାରେ ୧୪ତମ ବାର୍ଷିକ ଉତ୍ସବ ଓ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ସକାଳେ ସୂର୍ଯ୍ୟ ପୂଜା ଠାରୁ ଆରମ୍ଭ କରି ପ୍ରଭୁ ହନୁମାନଙ୍କ ବିଭିନ୍ନ ପ୍ରକାରର ଯଜ୍ଞ ପୂଜା ଆଦି ବିଧି ମୁତାବକ ସମ୍ପନ୍ନ ହୋଇଥିଲା। ଦର୍ଶନ ପାଇଁ ଆସିଥିବା ସହସ୍ରାଧିକ ଶ୍ରଦ୍ଧାଳୁମାନଙ୍କୁ ପଣା ବିତରଣ କରାଯିବା ସହ ଖେଚୁ ଭୋଗ ପ୍ରଦାନ କରାଯାଇଥିବା ବାଟିକା ମୁଖ୍ୟ ପରିଚାଳନା ଅଧିକାରୀ ବିଦେଶୀ ଦେହୁରୀ ସୂଚନା ଦେଇଛନ୍ତି। ଉତ୍ସବରେ ମନ୍ଦିର କମିଟି ସଭାପତି ଜବାହରଲାଲ ପ୍ରଧାନ, ମୁଖ୍ୟ ପୂଜକ ରୁଦ୍ର ମୋହନ ଦ୍ୱିବେଦୀ, ହନୁମାନ ବାଟିକା ମୁଖ୍ୟ ପରିଚାଳନା ଅଧିକାରୀ ବିଦେଶୀ ଦେହୁରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



# ଲୋକକଳା ପ୍ରଦର୍ଶନରେ ଦୁଲୁକିଲା ବସନ୍ତ ଉତ୍ସବ



କଣିହାଁ,୧୪।୪(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ କୁଲେଇ ଗ୍ରାମରେ ଦୁଇଦିନ ଧରି ଚାଲିଥିବା ବସନ୍ତ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଜିଲା କଳାକାର ସାମ୍ମୁଖ୍ୟ ତରଫରୁ ଆୟୋଜିତ ବସନ୍ତ ଉତ୍ସବର ଶୁକ୍ରବାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ କୁଲେଇ ଗ୍ରାମ କମିଟି ସଭାପତି ଆଦିତ୍ୟ ସାମଲ, ସମ୍ପାଦକ ନନ୍ଦକିଶୋର ସାମଲ, ଉପ ସଭାପତି ଧରଣୀଧର ମହାନ୍ତି, ପାଣିପଞ୍ଚାୟତ ସମିତି ସଭାପତି ବିଦେଶୀ ମହାନ୍ତି, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ତାଳଚେର, କଣିହାଁ ଓ ପାଲଲହଡ଼ା ବ୍ଲକ ଅଞ୍ଚଳର ୩୪ ଟି ଲୋକ କଳା ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ପାଲା, ଦଣ୍ଡ, ପାଇକ ଆଖଡା, ଲଉଡ଼ି ଖେଳ, ସଂକୀର୍ତ୍ତନ, କୃଷ୍ଣ ଗୁରୁ, ଖଞ୍ଜଣି ବାଦ୍ୟ ଇତ୍ୟାଦି ଲୋକକଳା ପ୍ରଦର୍ଶନରେ ବସନ୍ତ ଉତ୍ସବ ମଞ୍ଚ ଦୁଲୁକି ଥିଲା। ଜିଲା କଳାକାର ସାମ୍ମୁଖ୍ୟ ସଂଘ ସଭାପତି ନବଘନ ସାମଲଙ୍କ ଅଧ୍ୟକ୍ଷତା ଓ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ କଣିହାଁ ବ୍ଲକ ମିଶନ ଶକ୍ତି ସମ୍ପାଦିକା ସୁମତି ନାଏକ, ଶାନ୍ତିଲତା ଦାସ, ନୟନା ଦେହୁରୀ, ବିଦ୍ୟାଧର ସାହୁ, ନବଘନ ବିଶି ପ୍ରମୁଖ ଉପସ୍ଥିତ ଥିଲେ।

# ମହା ବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ପାଳିତ

ପାଲଲହଡା,୧୪।୪ (ଦିବ୍ୟଜ୍ୟୋତି ଦାଶ)

ପାଲଲହଡା ବ୍ଲକ ନିଜିଗଡ଼ ପଞ୍ଚାୟତ ପାଟବେଡା ଗ୍ରାମ ହନୁମାନ ମନ୍ଦିର ପ୍ରାଙ୍ଗଣରେ ରବିବାର ହନୁମାନ ଜୟନ୍ତୀ ଓ ମହା ବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ହନୁମାନ ଚାଳିଶା ପାଠ ସହିତ ରୀତିନୀତି ଅନୁଯାଇ ପୂଜା ପାଠ ହୋଇଥିଲା। ଦୀର୍ଘ ୧୫ ବର୍ଷରୁ ଅଧିକ ହେବ ହନୁମାନ ଜୟନ୍ତୀ ପାଳନ ହୋଇ ଆସୁଥିବା ବେଳେ ବିଗତ ୪ ବର୍ଷ ହେଲା ଏଠାରେ ହନୁମାନଙ୍କ ମନ୍ଦିର ପ୍ରତିଷ୍ଠା ପରେ ସେବେଠାରୁ ମନ୍ଦିର ପ୍ରାଙ୍ଗଣରେ ଜୟନ୍ତୀ ପାଳନ କରାଯାଉଛି। ଏଠାରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଇଥିଲା। ପାଲଲହଡା ବିଧାୟକ ତଥା ବିଜେଡି ବିଧାୟକ ପ୍ରାର୍ଥୀ ମୁକେଶ ପାଲ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ମନ୍ଦିରର ପ୍ରତିଷ୍ଠାତାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଭକ୍ତଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ କମିଟି ପକ୍ଷରୁ ଅନ୍ନପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ହନୁମାନ ମନ୍ଦିର କମିଟି ସଭାପତି ପ୍ରସନ୍ନ କୁମାର ବିଶ୍ୱାଳ, ଉପସଭାପତି ମହେନ୍ଦ୍ର କୁମାର ନାୟକ, ସମ୍ପାଦକ ପ୍ରହ୍ଲାଦ ସାହୁ, ସହ ସମ୍ପାଦକ ଝସକେତନ ସାହୁ ଓ ଲିଙ୍ଗରାଜ ସାହୁ, ପରିଚାଳନା କମିଟି ବରିଷ୍ଠ ସଭ୍ୟ କେଶବ ଚନ୍ଦ୍ର ପ୍ରଧାନ, ସଞ୍ଜୀବ ବେହେରା, ଲିଙ୍ଗରାଜ ଦାସ, ମିତ୍ରଭାନୁ ସାହୁ, ଦିଲେଶ୍ୱର ପାଳ, ଦିଲେଶ୍ୱର ରାଉତ, ସପ୍ନେଶର ଗଡ଼ନାୟକ ଲିଙ୍ଗରାଜ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ।

# ଯୁବକଙ୍କୁ ଟାଙ୍ଗିଆରେ ଆକ୍ରମଣ

ବଇଣ୍ଡା,୧୪।୪(ପରିକ୍ଷିତ ସାହୁ)

ଠାକୁରଗଡ ଥାନା କୃତ୍ତିବାସପୁର ଗ୍ରାମର ବାଉରୀ ବେହେରାଙ୍କୁ ସେହି ଗ୍ରାମର ଗୟା ବେହେରା ଏକ ଟାଙ୍ଗିଆରେ ଆକ୍ରମଣ କରିଥିବା ଶନିବାର ବାଉରୀ ଠାକୁରଗଡ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୮୯/୨୪ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ କହିଛି, ବାଉରୀ ଘରେ ଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ୨ ବାଇକ୍ ଧକ୍କା, ୬ ଆହତ

କାମାକ୍ଷାନଗର,୧୪।୪(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ପଥରଖୁମ୍ବଠାରେ ରବିବାର ସନ୍ଧ୍ୟାରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଦୁଇ ବାଇକ୍‌ରେ ବସିଥିବା ୬ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ବୁଢାପଙ୍କ ଗ୍ରାମର ଅଭିଲାସ ପ୍ରଧାନ, କୁମୁସି ଗ୍ରାମର ଦିନେଶ ଖମାରି, ଦିପୁ ଦେହୁରୀ ଓ ବବୁ ଦେହୁରୀ। ଅନ୍ୟ ଦୁଇ ଜଣଙ୍କ ପରିଚୟ ମିଳିନାହିଁ। ଆହତଙ୍କୁ ପ୍ରଥମେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ଓ ପରେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

**MCL ମହାନଦୀ କୋଲଫିଲ୍ଡସ ଲିମିଟେଡ୍**
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

CMPFO କମିଶନର ପ୍ରଦତ୍ତ ରେଫ୍. ନଂ. CPF/CP/111(26)/Pen/Misc/HQ/Vol-III/520, ତାରିଖ: 25/08/2023 ଚିଠି ଏବଂ ଏହା ପରେ GM(P/PF & Pension), MCL HQଙ୍କ ପ୍ରଦତ୍ତ ବିଜ୍ଞପ୍ତି ରେଫ୍ ନଂ. MCL HQ/PF & PENSION/2023/5945, ତାରିଖ: 09.09.2023 ଅନୁସାରେ MCLର ସମସ୍ତ ପେନସନରମାନଙ୍କୁ ଏତଦ୍ୱାରା ପରାମର୍ଶ ଦିଆଯାଉଛି ଯେ, ଝଙ୍କଟମୁକ୍ତ ପତି/ପତ୍ନୀଙ୍କ ପେନସନ ପାଇଁ **ପରିବର୍ତ୍ତିତ PPO (ପେନସନ ପେମେଣ୍ଟ ଅର୍ଡର)** ଜାରି କରିବା ନିମନ୍ତେ ନିମ୍ନଲିଖିତ ଡକ୍ୟୁମେଣ୍ଟସ୍/ବିବରଣୀମାନ ଜମା କରିବା ଆବଶ୍ୟକ:-

**1.** ସଠିକ୍ ଭାବରେ ପୂରଣ କରାଯାଇଥିବା ଆବେଦନପତ୍ର , **2.** ପତି/ପତ୍ନୀଙ୍କ ନାମ ଏବଂ ଯୁଗ୍ମ ଫଟୋଗ୍ରାଫ (3ଟି), **3.** ପତି/ପତ୍ନୀଙ୍କ ସହ 'ଫର୍ମର ବା ସରଭାଇବର' ମୋଡ ରେ କାର୍ଯ୍ୟକ୍ଷମ ଥିବା ପେନସନରଙ୍କ ବିଦ୍ୟମାନ ବ୍ୟାଙ୍କ ଆକାଉଣ୍ଟ, **4.** ସ୍ୱସ୍ୱାକ୍ଷରିତ ଉଭୟ ନିଜର ଏବଂ ପତି/ପତ୍ନୀଙ୍କ ଆଧାର କାର୍ଡ ଏବଂ PAN କାର୍ଡର ପ୍ରତିଲିପି, **5.** ନିଜର ଏବଂ ପତି/ପତ୍ନୀଙ୍କ ମୋବାଇଲ ନମ୍ବର, **6.** ନିଜର ଏବଂ ପତି/ପତ୍ନୀଙ୍କ ଇ-ମେଲ୍ ଆଇଡି।

ଉପରୋକ୍ତ ଡକ୍ୟୁମେଣ୍ଟ ବା ତଥ୍ୟାବଳୀ (ସ୍ୱସ୍ୱାକ୍ଷରିତ) ସଂପୃକ୍ତ ଏରିଆ ପର୍ସୋନାଲ ମ୍ୟାନେଜର (APM)ଙ୍କ ଅଫିସରେ (ଯେଉଁଠାରୁ ସଦସ୍ୟ ଅବସରଗ୍ରହଣ କରିଥିବେ) ଜମା ଦେବା ଆବଶ୍ୟକ ଏବଂ ଯଦି MCL HQଙ୍କ ଅଫିସରୁ ଅବସର ଗ୍ରହଣ କରିଥିବେ, ତେବେ ଆବେଦନପତ୍ର ଜେନାରାଲ ମ୍ୟାନେଜର (P/PF & Pension), MCL HQଙ୍କ ଅଫିସରେ ଜମାଦେବାକୁ ହେବ ।

ସଦସ୍ୟମାନଙ୍କୁ MCL ୱେବସାଇଟ୍ www.mahanadicoal.in ଦେଖିବାକୁ ଏବଂ ଲିଙ୍କ୍ – https://www.mahanadicoal.in/InfoBank/PP/NOTICE%20%205945%20120324.pdfରୁ ଉପରଲିଖିତ ବିଜ୍ଞପ୍ତି/ଆବେଦନପତ୍ର ଓ ଆବଶ୍ୟକ ଡକ୍ୟୁମେଣ୍ଟ ଗୁଡ଼ିକର ତାଲିକା ଖୋଲିବା/ଡାଉନଲୋଡ କରିବା ପାଇଁ ପରାମର୍ଶ ଦିଆଯାଉଛି।

କୌଣସି ସମସ୍ୟା ବା କିଛି ଜାଣିବାର ଥିଲେ ଯେକୌଣସି କାର୍ଯ୍ୟଦିବସର ପୂର୍ବାହ୍ନ 10:00 ଘଟିକାରୁ ଅପରାହ୍ନ 05:00 ଘଟିକା ମଧ୍ୟରେ 0663-2542739 ନମ୍ବରରେ ଅଥବା ଇ-ମେଲ ଆଇଡି: pension.mcl@coalindia.in ରେ ଯୋଗାଯୋଗ କରିପାରିବେ।

ଜେନେରାଲ ମ୍ୟାନେଜର (P/PF & Pension),
MCL HQ, ସମ୍ବଲପୁର

R-5203

# ବିଭିନ୍ନ ସ୍ଥାନରେ ମେରୁ ଯାତ୍ରା ପାଳିତ

ବଇଣ୍ଡା,୧୪।୪(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ହଣ୍ଡପା ଥାନା ବଡହୁଲା, ଗାଁବଇଣ୍ଡା, ପାପସରା, କଣ୍ଡାଳ, ଜାମୁଝରି, ଠାକୁରଗଡ ଥାନା ଗୁଣ୍ଡୁରୀ, ମିଣ୍ଡୋଳ ଆଦି ସ୍ଥାନରେ ରବିବାର ପବିତ୍ର ମେରୁ ଯାତ୍ରା ପାଳିତ ହୋଇଯାଇଛି। ପ୍ରଭୁ ଶିବ ଓ ମା' ଦକ୍ଷିଣକାଳୀଙ୍କୁ ଗ୍ରାମ ମନ୍ଦିରକୁ ସକାଳେ ଭକ୍ତମାନେ ଆଣିବା ପରେ ମେରୁଯାତ୍ରା ଆରମ୍ଭ ହୋଇଥିଲା। ଅପରାହ୍ନରେ ଗ୍ରାମ ଦାଣ୍ଡରେ ପାଟୁଆମାନେ ପାଣି ଦଣ୍ଡ କରିଥିଲେ। ପରେ ଗ୍ରାମ ପୋଖରୀରେ ବାଲୁକା ପୂଜା କରିବା ପରେ ଗ୍ରାମ ଶେଷ ଭାଗରେ ଥିବା ମା' ମାହେଶ୍ୱରୀଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ମେରୁ ସ୍ଥାନକୁ ଆଣିବା ପରେ ମେରୁଯାତ୍ରା ଆରମ୍ଭ ହୋଇଥିଲା। ପ୍ରଥମେ ପ୍ରଭୁ ଶିବଙ୍କୁ ପୂଜା କରିବା ପରେ ମା' ଦକ୍ଷିଣ କାଳୀଙ୍କୁ ଯଥା ରୀତି ନୀତି ନିୟମ ଅନୁସାରେ ପୂଜା କରାଯାଇଥିଲା। ପୂଜା ସମୟରେ ମାନସିକଧାରୀ ଭକ୍ତଙ୍କ ଠାରେ ମା' କାଳିସି ଆବିର୍ଭାବ ହୋଇଥିଲେ। ପରେ ପୂର୍ବରୁ ନିଜ ମନସ୍କାମନା ପୂର୍ଣ୍ଣ ପାଇଁ ଅଧିଆ ପଡିଥିବା ଭକ୍ତଙ୍କୁ ଉଠାଇ ଥିଲେ। ମନ୍ଦିର କମିଟି ଓ କିଛି ଭକ୍ତ ପକ୍ଷରୁ ଅନ୍ନବ୍ୟବସ୍ଥା ସହିତ ଭକ୍ତମାନଙ୍କୁ ପଣା ବଣ୍ଟନ କରାଯାଇଥିଲା। ଗ୍ରାମ କମିଟି ପକ୍ଷରୁ ରମେଶ ସାହୁ, କୁଞ୍ଜ ବିହାରୀ ଦେହୁରି, ବେଣୁଧର ଦେହୁରି, ଭୀମସେନ ପ୍ରଧାନ, ଭୀଷ୍ମ ଦେହୁରି, ଅନିଲ ପ୍ରଧାନ, ସର୍ବେଶ୍ୱର ମହାପାତ୍ର, ସୁରେଇ ଭୋଇ, ରମାକାନ୍ତ ପ୍ରଧାନ, ମହେଶ୍ୱର ପ୍ରଧାନଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।



# ଅନୁଗୋଳ ଜିଲାର ୪ ସ୍ଥାନରେ ପ୍ରାର୍ଥୀ ଦେଲା କଂଗ୍ରେସ






ଅନୁଗୋଳ,୧୪।୪ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ପାଇଁ କଂଗ୍ରେସ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଜିଲାର ୫ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଅନୁଗୋଳ, ତାଳଚେର, ଆଠମଲ୍ଲିକ ଓ ଛେଣ୍ଡିପଦା ପାଇଁ ଦଳ ପ୍ରାର୍ଥୀଙ୍କ ନାମ ପ୍ରକାଶ କରିଥିବା ବେଳେ ପାଲଲହଡ଼ାକୁ ଝୁଲାଇ ରଖିଛି। ଅନୁଗୋଳ ନିର୍ବାଚନମଣ୍ଡଳୀରେ ଦଳର ନୂଆ ମୁହଁ ଭାବେ ଜିଲା ଆଡହକ ସଭାପତି ଅମ୍ବିକା ଭଞ୍ଜଙ୍କୁ ପ୍ରାର୍ଥୀ କରାଯାଇଛି। ଛେଣ୍ଡିପଦାରେ ମଧ ନୂଆ ମୁହଁ ଭାବେ ନରୋତ୍ତମ ନାଏକଙ୍କ ନାମ ଘୋଷଣା କରାଯାଇଛି। ଆଠମଲ୍ଲିକରେ ବିଜୟାନନ୍ଦ ଚାଉଳିଆ ରିପିଟ ହୋଇଥିବାବେଳେ ତାଳଚେରରେ ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କୁ ମଧ ଦଳ ରିପିଟ କରିଛି। ତେବେ ପାଲଲହଡ଼ାକୁ ଦଳ ଝୁଲାଇ ରଖିଥିବାରୁ ଏଠାରେ ନୂଆ ମୁହଁ ଦେଇପାରେ ବୋଲି ଆଲୋଚନା ହେଉଛି। ଅନୁଗୋଳ ଜିଲା କଂଗ୍ରେସ କମିଟିର ଆଡହକ ସଭାପତି ତଥା ଅନୁଗୋଳ ବିଧାୟକ ପ୍ରାର୍ଥୀ ଅମ୍ବିକା ଭଞ୍ଜ କହିଛନ୍ତି, ପାଲଲହଡା କାହିଁକି ଅଟକିଲା ଜଣାନାହିଁ। ଏ ନେଇ ପିସିସି ସଭାପତିଙ୍କ ସହ ଆଲୋଚନା କରାଯିବ। ଏଥିସହ କଂଗ୍ରେସ ବିଭିନ୍ନ ପ୍ରସଙ୍ଗ ନେଇ ନିର୍ବାଚନ ରଣକ୍ଷେତ୍ରକୁ ଓହ୍ଲାଇବ। କେଉଁ ପ୍ରାର୍ଥୀ ଲୋକଙ୍କ ସମସ୍ୟା କ'ଣ ସମାଧାନ କରିଛନ୍ତି ତାହା କଂଗ୍ରେସର ମୁଖ୍ୟ ଅସ୍ତ୍ର ହେବ। ଏଥିସହ କେନ୍ଦ୍ର ସରକାରଙ୍କ ବିରୋଧରେ ଜାତୀୟ ରାଜପଥକୁ ମୁଖ୍ୟ ପ୍ରସଙ୍ଗ କରାଯିବ। ଜିଲାରେ ଜଳ ସେଚନ ବ୍ୟବସ୍ଥା ଶୋଚନୀୟ ଥିବାବେଳେ ଏହାକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରାଯିବ ବୋଲି ଭଞ୍ଜ କହିଛନ୍ତି।

**ପାଲଲହଡ଼ାକୁ ଝୁଲାଇ ରଖିଲା ଦଳ**

## ସଂଗ୍ରାମଙ୍କୁ ନେଇ ଚର୍ଚ୍ଚା

ଅନୁଗୋଳ ଜିଲା କଂଗ୍ରେସର ପୂର୍ବତନ ସଭାପତି ସଂଗ୍ରାମ ମିଶ୍ରଙ୍କୁ ନେଇ ଚର୍ଚ୍ଚା ଚାଲିଛି। କିଛି ଦିନ ପୂର୍ବରୁ ସେ ଜିଲା ସଭାପତି ପଦବୀରୁ ଇସ୍ତଫା ଦେଇଥିଲେ। ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଇସ୍ତଫା ଦେଇଥିବାବେଳେ ଦଳ ତାଙ୍କୁ ଲୋକ ସଭା କି ବିଧାନସଭା କ୍ଷେତ୍ରରେ ପ୍ରାର୍ଥୀ କରିନାହିଁ। ତେବେ ସଂଗ୍ରାମଙ୍କ ଗତି କୁଆଡେ ତାହାକୁ ନେଇ ଅନୁଗୋଳ ରାଜନୀତି ସରଗରମ ହୋଇଛି। ଏଭଳି କି ସଂଗ୍ରାମ ବିଜେଡିରେ ଯୋଗ ଦେବେ ବୋଲି ଚର୍ଚ୍ଚା ଜୋର୍ ଧରିଛି।

# ନାଲ୍କୋ ତାରିଣୀ ମନ୍ଦିରରେ ବିଷୁବ ସଂକ୍ରାନ୍ତି

ଅନୁଗୋଳ,୧୪।୪(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ନାଲ୍କୋ ନଗର ସ୍ଥିତ ତାରିଣୀ ମନ୍ଦିରରେ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ଭୋର ସମୟରୁ ନାମ ସଂକୀର୍ତ୍ତନ ସହ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା, ହୋମ ଯଜ୍ଞ କରାଯାଇଥିଲା। ନୁଷ୍ଠାନ ତରଫରୁ ୭ହଜାର ଶ୍ରଦ୍ଧାଳୁଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନାଲ୍କୋର ଜିଜିଏମ ସତ୍ୟବାଦୀ ମିଶ୍ର ମୁଖ୍ୟ ପୁରୋଧା ସାଜିଥିବା ବେଳେ ଅନୁଷ୍ଠାନ ସଭାପତି ଶୁଭେନ୍ଦୁ ନାୟକ, ରାଜାରାମ ମିଶ୍ର, ଅରୁଣ ସାହୁ, ବନମାଳି ସେଠୀ, ଶ୍ରମିକ ନେତା ନିର୍ମଳ ସାମଲ, ତରୁଣ ସାହୁ, ମାଧବ ସେଠୀ, କେଶବ ନାୟକ, ସନ୍ତୋଷ ରାଏ, ପ୍ରଭାତ ଗଡ଼ନାୟକ, ତରୁଣ ସାହୁ, ଟୁଟୁ ଜେନା, ମନୋଜ ସ୍ୱାଇଁ, ରଞ୍ଜିତ ମାଝି, ପ୍ରକାଶ ବେହେରା, ସୁଧାଂଶୁ ମିଶ୍ର, ସୁଶୀଲ ବାରିକ, ନରେନ୍ଦ୍ର ମିଶ୍ର, ଗୁଣନିଧି ଅରୁକ, ଅମିୟ ଦଳେଇ, ଶ୍ରୀଧର ନାୟକ, ଗୋପାଳ ମଲିକ, ଉପେନ୍ଦ୍ର ବେହେରା, ନେହେରୁ ସାହୁ, ଦୀପକ ସାମଲ, ଚିତ୍ତ ଦାସ, ସଞ୍ଜୀବ ଦାସ, ସନ୍ତୋଷ ସେଠୀ, ବିକ୍ରମା ଦ୍ୱିତ୍ୟ ବେହେରା, ଆଶିଷ ସିଂ, ସୁଶୀଲ ବାରିକ ଏବଂ ନାଲ୍କୋ ନଗରର ଶ୍ରମିକ ସଙ୍ଗଠନ ସହିତ ବହୁତ ମାନ୍ୟଗନ ବ୍ୟକ୍ତି ସାହାଯ୍ୟ ସହଯୋଗ କରିଥିଲେ।



# ନୂଆହତାରେ ହନୁମାନ ଜୟନ୍ତୀ

ବଆଁରପାଳ/ ଅନୁଗୋଳ,୧୪।୪ (ଅମିତ କୁମାର ସାମଲ)

ବଆଁରପାଳ ବ୍ଲକ ନୂଆହତା ଗ୍ରାମରେ ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି।୨୦୧୭ରୁ ନୂଆହତା ଗ୍ରାମରେ ଶ୍ରୀହନୁମାନ ମହାପ୍ରଭୁଙ୍କ ୨୫ ଫୁଟର ବିଗ୍ରହ ନିର୍ମାଣ କରାଯାଇ ଯଥାବିଧି ପୂଜାର୍ଚ୍ଚନା କରାଯାଇ ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା। ଏହି ଉତ୍ସବରେ ସ୍ଥାନୀୟ ଅଞ୍ଚଳର ବହୁ ସାମଜସେବୀ, ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ମହାପ୍ରଭୁଙ୍କ କରୁଣା ଲାଭ କରିଥିଲେ। ଏହି ଅବସରରେ ବୁଢାପଙ୍କ ଗ୍ରାମ କେନାଲରୁ ଏକ କଳଶ ଯାତ୍ରା କରାଯାଇଥିଲା। ଏଥିରେ ୩୦୦ରୁ ଅଧିକ ଭକ୍ତ ତଥା ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ପରେ ନୂଆହତା ଗ୍ରାମ ମା' ବାଉତୀ ଠାକୁରାଣୀଙ୍କ ପିଢ଼, ନୀଳକଣ୍ଠ ମହାଦେବଙ୍କ ମନ୍ଦିର ପରିକ୍ରମା କରାଯାଇଥିଲା। ହନୁମାନ ମନ୍ଦିରରେ ମହାଯଜ୍ଞ ଆରମ୍ଭ କରାଯାଇଥିଲା। ସନ୍ଧ୍ୟାରେ ପୂର୍ଣ୍ଣାହୁତି ଦିଆଯାଇଥିଲ। ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା ସହ ହନୁମାନ ଚାଳିଶା ଏବଂ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ବିଶିଷ୍ଟ ସମାଜସେବୀ ଗଙ୍ଗାଧର ସାମଲ, ବିଜେଡି ଢେଙ୍କାନାଳ ଲୋକ ସଭା ପ୍ରାର୍ଥୀ ସାମାଜିକ କର୍ମୀ ଡା, ଅବିନାଶ ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, କୀଟୁ ପଣ୍ଡା, ଅମ୍ବିକା ଭଞ୍ଜ, ଅଶୋକ ଧୀର ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ।



# ପ୍ରେମିକଙ୍କ ସହ ୫୦ ବର୍ଷୀଆ ମହିଳା ଛୁ

ଅନୁଗୋଳ,୧୪।୪ (ଅମିତ କୁମାର ସାମଲ)

ନାତୁଣୀ ନାତି ଦେଖିସାରିଥିବା ଜଣେ ମହିଳା ଯୁବ ପ୍ରେମିକଙ୍କ ସହ ଛୁ ମାରିଛନ୍ତି। ଅନୁଗୋଳ ଜିଲା ବଆଁରପାଳ ଥାନା ଅଞ୍ଚଳରେ ଘଟିଥିବା ଏପରି ଏକ ଘଟଣା ରବିବାର ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ବଆଁରପାଳ ଥାନାରେ ମହିଳାଙ୍କ ସ୍ୱାମୀ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ତେବେ ସମ୍ପୃକ୍ତ ପ୍ରେମୀ ଯୁଗଳଙ୍କୁ ଡାକି ପୋଲିସ ବୁଝାଶୁଝା କରିଥିଲେ ମଧ୍ୟ ବିଫଳ ହୋଇଛି। ପୋଲିସ କହିଛି, ମହିଳା ଜଣକ ୨୨ ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ୩ଟି ପୁଅ ଓ ଗୋଟିଏ ଝିଅ ରହିଛି। ସମସ୍ତେ ବିବାହିତ ଓ ମହିଳା ଜଣଙ୍କ ନାତୁଣୀ ନାତି ମଧ ଦେଖିସାରିଛନ୍ତି। ୩ ଦିନ ତଳେ ସେ ପ୍ରେମିକଙ୍କ ସହ ଘରୁ ପଳାଇ ଯାଇଥିଲେ। ଏ ନେଇ ତାଙ୍କ ସ୍ୱାମୀ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ପୋଲିସ ଘଟଣା ତଦନ୍ତ କରିବା ପରେ ଦୁହିଁଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲା। କିନ୍ତୁ ମହିଳା ଜଣଙ୍କ ତାଙ୍କ ସ୍ୱାମୀ ନିକଟରେ ନ ରହି ପ୍ରେମିକଙ୍କ ନିକଟରେ ରହିବେ ବୋଲି ଜିଦ ଧରିଥିଲେ।

# ସମାପନ ହେଲା ପାରମ୍ପରିକ ଦଣ୍ଡ ନୃତ୍ୟ



ଆଠମଲ୍ଲିକ,୧୪।୪(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକରେ ଗତ ୨୧ ଦିନ ଧରି ଚାଲିଥିବା ଦଣ୍ଡ ନୃତ୍ୟ ଶେଷ ହୋଇଛି। ପାରମ୍ପରିକ ଏହି ଦଣ୍ଡ ନୃତ୍ୟ ତଥା ମେରୁ ଯାତ୍ରା ପାଇଁ ସବୁଠି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଗାଁ ଠୁ ସହର ଉତ୍ସବ ମୁଖର ହୋଇ ଉଠିଥିଲା। ପ୍ରାୟ ୨୧ ଦିନ ପୂର୍ବରୁ ଦଣ୍ଡ ବ୍ରତଧାରୀ କାମନା ମନ୍ଦିରରୁ ଦଣ୍ଡ ଉଠାଇବା ସହିତ ଦଣ୍ଡ ନୃତ୍ୟ କରି ଆସୁଥିଲେ। ସାଙ୍ଗରେ ମା କାଳୀ ଓ ପ୍ରଭୁ ମହାଦେବଙ୍କୁ ୧୩ ଭୁକ୍ତା, ଦଣ୍ଡୁଆମାନେ ବିଭିନ୍ନ ଗାଁ ବୁଲି ଦଣ୍ଡ ନୃତ୍ୟ କରିବା ସହିତ ପଣା ସଂକ୍ରାନ୍ତି ପୂର୍ବଦିନ ନିଜନିଜ ଅଞ୍ଚଳକୁ ଫେରିଆସିଥିଲେ। ଦଣ୍ଡୁଆମାନେ ଦିନ ବେଳା ଧୁଳି ଦଣ୍ଡ ଓ ସନ୍ଧ୍ୟା ସମୟରେ ପାଣି ସେବା ଏବଂ ରାତିରେ ୧୬ ପ୍ରକାର ସୁଆଙ୍ଗ ନୃତ୍ୟ କରିଥିଲେ। ମେରୁ ପଡ଼ିଆରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସହର ମଧ୍ୟରେ ସର୍ବପୁରାତନ ଗଡୁଆ ଦଣ୍ଡ, ଲିପିଲୋଇ ଦଣ୍ଡ, ହରିଡା କୋଠା ଦଣ୍ଡ, ଅଏଡା ଦଣ୍ଡ, ଉଡସିଙ୍ଗା ଦଣ୍ଡ, ମହେନ୍ଦ୍ରପୁର ଦଣ୍ଡ, ଦୁଡୁମଦଣ୍ଡ, ଲୁଣହାଣ୍ଡି ଦଣ୍ଡ, ମାଳିପଦର ଦଣ୍ଡ, ନଅଗାଁ ଦଣ୍ଡ, ନୂଆସାହି ଦଣ୍ଡ, ଗୁଗୁଡି ସାହି ଦଣ୍ଡ ଆଦି ଦଣ୍ଡ ଯାତ୍ରା କରିଥିଲେ। ଏହି ଅବସରରେ ଗଡୁଆ ଦଣ୍ଡର ମେରୁଯାତ୍ରା ନିକଟରେ ଚାରିଘରିଆ ସାହି ଗଜ ଲକ୍ଷ୍ମୀପୂଜା କମିଟି ତରଫରୁ ଯୁବକମାନେ ବେଲ ପଣା ଓ ଦହି ସରବତ ଶ୍ରଦ୍ଧାଳୁମାନଙ୍କୁ ବଣ୍ଟନ କରିଥିଲେ।

# ଫୁଲଝରିରେ ଭାଜପାର କର୍ମୀ ସମ୍ମିଳନୀ

ବଇଣ୍ଡା,୧୪।୪(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ଅଙ୍ଗପଡା ପଞ୍ଚାୟତ ଫୁଲଝରି ଗ୍ରାମରେ ଶନିବାର ଭାଜପା ପକ୍ଷରୁ ପଞ୍ଚାୟତସ୍ତରୀୟ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଭାଜପା ବିଧାୟକ ପ୍ରାର୍ଥୀ ସଞ୍ଜୀବ ସାହୁ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ କରିବା ପାଇଁ ଲୋକଙ୍କ ସହାୟତା ଲୋଡିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ଅର୍ଜୁନ ସାହୁ, ତରଣୀ ନାୟକ, ବୃନ୍ଦାବନ ସାହୁ, ରାଜେନ୍ଦ୍ର ପଣ୍ଡା, ଅନୁପମା ସାହୁ, ତିମିର ନାୟକ, ଦିଗାମ୍ବର ବେହେରା, ପ୍ରଶାନ୍ତ ପ୍ରଧାନ, ପର୍ଯ୍ୟବେକ୍ଷକ ରଞ୍ଜିତ ପଣ୍ଡା, ରାଜେନ୍ଦ୍ର ପଣ୍ଡା, ପ୍ରବୀଣ ସାହୁ, ଭବାନୀ ଜ୍ୟୋତିଶରାୟଙ୍କ ସମେତ ବହୁ ଭାଜପା କର୍ମୀମାନେ ଯୋଗ ଦେଇଥିଲେ। ଶେଷରେ ଅନ୍ୟ ଦଳର ବହୁ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ସେମାନଙ୍କୁ ବିଧାୟକ ସାଏ ଓ ସଞ୍ଜୀବ ସାହୁ ଦଳୀୟ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ।



# 'ସମ୍ବିଧାନ ଚିରଦିନ ଅକ୍ଷୁଣ୍ଣ ରହୁ'



ଅନୁଗୋଳ,୧୪।୪ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ନାଲ୍କୋ ଅଞ୍ଚଳରେ ଥିବା ଅନୁସୂଚିତ ଜାତି ଓ ଜନଜାତି କାର୍ଯ୍ୟାଳୟ ପରିସରରେ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ଭାଜପା ଢେଙ୍କାନାଳ ଲୋକ ସଭା ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି। ସଂଘ ସଭାପତି କେଦାରନାଥ ଦେହୁରୀ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ବିଭିନ୍ନ ସଙ୍ଗଠନରୁ ଶତାଧିକ ଆମ୍ବେଡକର ପ୍ରେମୀ ଯୋଗଦେଇଥିଲେ। ଏହି ଅବସରରେ ଭାଜପା ନେତା ପାଣି ସମ୍ବିଧାନ ଚିରଦିନ ଅକ୍ଷୁର୍ଣ୍ଣ ରହୁ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସଂଘ ଚାଳକ ବିଜୟ କୁମାର ସାହୁ, ଦୁଇ ଅଫିସର ସଂଘ ସଭାପତି ବନମାଳୀ ସେଠୀ ଓ ଅରୁଣ ସାହୁ ଉପସ୍ଥିତ ଥିଲେ। ମହୀଧରପୁର ଭାଜପା ଯୁବ ମଣ୍ଡଳ ହିମାଂଶୁ ସାମଲ, କାଣ୍ଡସର ପ୍ରାକ୍ତନ ସରପଞ୍ଚ ବିଷ୍ଣୁ ଚରଣ ବେହେରା, ପ୍ରଶାନ୍ତ ସାହୁ, ରାଜେନ୍ଦ୍ର ନାଏକ, ବନବିହାରୀ ନାଏକ, ପ୍ରକାଶ ସିଂହ, ପ୍ରକାଶ ମଙ୍ଗରାଜ, ଅଖିଳ ସାମଲ ପ୍ରମୂଖେ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ସମ୍ପାଦକ କୃଷ୍ଣ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଆମ୍ବେଡକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ଅନୁଗୋଳ,୧୪।୪(ଅମିତ କୁମାର ସାମଲ)

ସମ୍ବିଧାନ ପ୍ରଣେତା ବାବା ସାହେବ ଡ. ଭି,ଆର୍. ଆମ୍ବେଡକରଙ୍କ ଜିଲାସ୍ତରୀୟ ଜୟନ୍ତୀ ସମାରୋହ ବଆଁରପାଳ ସେବାଶ୍ରମ ଠାରେ ପାଳିତ ହୋଇଯାଇଛି। ସେବାଶ୍ରମ ପରିସରରେ ଆୟୋଜିତ ଉତ୍ସବରେ ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର ଯୋଗଦେଇ ଆମେଡକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଉପସ୍ଥିତ ଛାତ୍ରୀମାନଙ୍କୁ ବାବା ସାହେବ ଆମେଡକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକ ଯୋଗଦେଇ ଆମ୍ବେଡକରଙ୍କ ପ୍ରଚେଷ୍ଟାରେ ଭାରତରେ ବିତ୍ତୀୟ ବ୍ୟବସ୍ଥାର ସୁପରିଚାଳନା ନିମନ୍ତେ ରିଜର୍ଭ ବ୍ୟାଙ୍କର ସ୍ଥାପନା କରାଯାଇଥିଲା ବୋଲି କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଜୟନ୍ତୀ ସମାରୋହରେ ସେବାଶ୍ରମର ପ୍ରଧାନ ଶିକ୍ଷୟତ୍ରୀ ପୂର୍ଣ୍ଣିମା ପାତ୍ର, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ସହକାରୀ କର୍ମଚାରୀଙ୍କ ସମେତ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।



# ଓରୁଡ଼ାରେ ବିଜେଡିର ମିଶ୍ରଣ ପର୍ବ



ବଇଣ୍ଡା,୧୪।୪(ପରିକ୍ଷିତ ସାହୁ)

ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ଉରୁକୁଲା ପଞ୍ଚାୟତର ସେରେଣ୍ଡା ଏବଂ ପରସୁମାଳ ଗ୍ରାମର ବହୁ ଅନ୍ୟ ଦଳର କର୍ମୀ ରବିବାର ବିଜେଡିରେ ସାମିଲ ହୋଇଛନ୍ତି। ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନଙ୍କ ଓରୁଡ଼ାସ୍ଥିତ ବାସ ଭବନରେ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଥିଲେ। ସେମାନଙ୍କୁ ନଳିନୀ ଦଳୀୟ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ବିନୋଦ ବେହେରା, ରତ୍ନାକର ନାୟକ, ବସନ୍ତ ପ୍ରଧାନ, ନାରାୟଣ ନାୟକ, ପୀତବାସ ନାୟକ, ଅରିକ୍ଷିତ ନାୟକ, ପ୍ରଫୁଲ୍ଲ ପ୍ରଧାନ, ଗତିକୃଷ୍ଣ ପ୍ରଧାନ, ଭ୍ରମରବର ସାହୁ, ଅନନ୍ତ ସେନାପତି ଯୋଗଦାନ କରିଥିଲେ। ଏଥିରେ ବିଜେଡି ନେତା ସନ୍ତୋଷ ପ୍ରଧାନ, ଅଙ୍ଗପଡା ସରପଞ୍ଚ ଜିତେନ୍ଦ୍ର ସାହୁ ଉପସ୍ଥିତ ଥିଲେ।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଅନୁଗୋଳ,୧୪।୪(ଅମିତ କୁମାର ସାମଲ)

ଅନୁଗୋଳ ଯଦୁନାଥ ସଂସ୍କୃତ ମହାବିଦ୍ୟାଳୟ ନିକଟରେ ରବିବାର ଜଣେ ଯୁବକଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ମହାବିଦ୍ୟାଳୟ ସମ୍ମୁଖରେ ଥିବା ଧାଡି ଧାଡ଼ି ଦୋକାନ ମଧ୍ୟରୁ ସମ୍ପୃକ୍ତ ଯୁବକ ଜଣକ ଗୋଟିଏ ଦୋକାନ ଭିତରକୁ ପଶିବା ପାଇଁ ଉଦ୍ୟମ କଲାବେଳେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଯୁବକ ଜଣକ ଯାଯାବର ସମ୍ପ୍ରଦାୟର ବୋଲି ଅନୁମାନ କରାଯାଉଛି। ଗତ ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବା ବେଳେ ସକାଳୁ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ତଦନ୍ତ କରିବା ସହ ମୃତଦେହ ପଞ୍ଚନାମା ପାଇଁ ଅନୁଗୋଳ ମେଡିକାଲ ପଠାଇଛି।

# ବିଭିନ୍ନ ସ୍ଥାନରେ ମହାବିଷୁବ ସଂକ୍ରାନ୍ତି

ଓଡ଼ାପଡ଼ା,୧୪।୪(ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ହିନ୍ଦୋଳ ରୋଡ ସ୍ଥିତ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଯଜ୍ଞାନୁଷ୍ଠାନ ଆରମ୍ଭ ହୋଇଥିଲା। ଅପରାହ୍ନରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ସେହିପରି ନୂଆ ବାଙ୍ଗୁରସିଂହ ଗ୍ରାମ ବୁଢ଼ୀ ପର୍ବତରେ ଥିବା ତୁଳସୀ ଖୋଲାରେ ପୂଜାର୍ଚ୍ଚନା କରାଯାଇ ପଣ୍ଡିତଙ୍କ ଦ୍ୱାରା ଯଜ୍ଞାନୁଷ୍ଠାନ ଆୟୋଜିତ ହୋଇ ଅପରାହ୍ନରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଏକ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଯୋଗଦେଇ ପ୍ରଭୁକୃପା ଲାଭ କରିବା ସହିତ ପ୍ରସାଦସେବନ କରିଥିଲେ। ନୂଆ ବାଙ୍ଗୁରସିଂହ ଗ୍ରାମର ଯୁବକ ଏଥିରେ ସହଯୋଗ କରିଥିଲେ। ମହାବୀର କ୍ଲବ ଗୁଡିଆକାଟେଣି ପକ୍ଷରୁ ମହାବୀର ଜୟନ୍ତୀ ପାଳିତ ହୋଇଯାଇଛି। କ୍ଲବର ସଦସ୍ୟମାନେ ଗୁଡିଆକାଟେଣି ଛକରୁ ଏକ ଶୋଭାଯାତ୍ରାରେ ବାହାରି ହିନ୍ଦୋଳ ରୋଡ଼ ସ୍ଥିତ ଜଗନ୍ନାଥ ମନ୍ଦିର ଦେଇ ହନୁମାନ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ହନୁମାନ ମନ୍ଦିରରେ ଆଖପାଖ ଅଞ୍ଚଳର ଅନେକ ଭକ୍ତ ଯୋଗଦେଇ ପ୍ରସାଦସେବନ କରିଥିଲେ। ସେହିପରି ବିଭିନ୍ନ ହନୁମାନ ମନ୍ଦିର, ଶିବମନ୍ଦିର ଓ ଅନେକ ଗ୍ରାମରେ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି।



